# ପୁନଃସଂସ୍ଥାନ ଓ ପୁନର୍ବାସ ବିଧେୟକ, ୨୦୦୭- ଏକ ସମୀକ୍ଷା

## ଭିନ୍ନ ସ୍ୱାଦର ଏକ ଆଇନ୍

ବିଭିନ୍ନ ସରକାରୀ କିମ୍ବା ବେସରକାରୀ ପ୍ରକଳ୍ପ ପାଇଁ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ଏବଂ ତଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରମାନଙ୍କୁ କ୍ଷତିପୂରଣ ତଥା ଥଇଥାନ ସମସ୍ୟା ଇଂରେଜ ଶାସନ ଅମଳରୁ ଆମ ଦେଶର ଏକ ପ୍ରମୁଖ ପ୍ରସଙ୍ଗ ରୂପେ ଏକାଧାରରେ ରାଜନୈତିକ ନେତୃତ୍ୱ, ପ୍ରଶାସକବର୍ଗ ଏବଂ ଜନସଂଗଠନମାନଙ୍କୁ ଆନ୍ଦୋଳିତ କରିଆସିଛି । ଅଧିଗୃହୀତ ଜମି ବାବଦରେ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ଜମି ଅଧିଗ୍ରହଣ ଆଇନ୍, ୧୮୯୪ କାଏମ୍ ରହିଆସିଥିଲେ ହେଁ ସଂପୃକ୍ତ ପ୍ରକଳ୍ପ ଫଳରେ ଗୋଟିଏ ପରିବାରର ଜୀବନ-ଜୀବିକା ଆଉ ଯେତେ ପ୍ରକାରରେ କ୍ଷତିଗ୍ରସ୍ତ ହୋଇଥାଏ, ଯଥା, ବାସଚ୍ୟୁତ ହେବା, ଜୀବିକା ହରାଇବା, ସମୂହ ପ୍ରାକୃତିକ ସଂସାଧନର ଉପଯୋଗରୁ ବଞ୍ଚିତ ହେବା ତଥା ନିଜ ଜନଗୋଷ୍ଠୀ ଏବଂ ଏକ ସୁପରିଚିତ ସାମାଜିକ-ସାଂସ୍କୃତିକ ପରିବେଶରୁ ବିଚ୍ଛିନ୍ନ ହେବା ଇତ୍ୟାଦିର ଭରଣା, ଅର୍ଥାତ୍ ସଂକ୍ଷେପରେ କହିଲେ, ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଙ୍କ ଥଇଥାନ ପାଇଁ ଜାତୀୟ ସ୍ତରରେ କୌଣସି ନୀତି କିମ୍ବା ଆଇନ୍ ନଥିଲା । ପ୍ରଥମେ ଏନ୍.ଡି.ଏ. ସରକାର ଅମଳରେ ଜାତୀୟ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୩ ପ୍ରଣୀତ ହୋଇ ଫେବୃଆରି ୨୦୦୪ରେ ଗେଜେଟ୍‌ରେ ବିଜ୍ଞାପିତ ହେଇଥିଲା । କିନ୍ତୁ ଘଟଣାକ୍ରମେ ସାରାଦେଶରେ ବିସ୍ଥାପିତ ଲୋକମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଆନ୍ଦୋଳନ ସାମନାରେ ଜମି ଅଧିଗ୍ରହଣ ଆଇନ୍ ସହିତ ଏହି ନୀତିଟି ଅକାମୀ ମନେ ହେବାରୁ ଉଭୟର ମୌଳିକ ସଂଶୋଧନ ପାଇଁ ବର୍ତ୍ତମାନର ୟୁପିଏ ସରକାର ଅଙ୍ଗୀକାରବଦ୍ଧ ହେଲେ । ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଗତ ୩୧ ଅକ୍ଟୋବର ୨୦୦୭ରେ ଏକ ସଂଶୋଧିତ ନୀତି ଘୋଷଣା କଲେ, ଯାହାକୁ କୁହାଯାଉଛି, 'ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ପାଇଁ ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ନୀତି-୨୦୦୭' । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସୂଚୀତ ନୀତିକୁ ବୈଧାନିକ ରୂପ ଦେବା ସକାଶେ ତଥା ଜମି ଅଧିଗ୍ରହଣ ଆଇନ୍‌କୁ ସଂଶୋଧନ କରିବା ପାଇଁ ୟୁ.ପି.ଏ. ସରକାର ଗତ ୩୦ ନଭେମ୍ବର ୨୦୦୭ରେ ଦୁଇଟି ବିଧେୟକ ଲୋକସଭାରେ ଆଗତ କରିଛନ୍ତି- ପୁନଃସଂସ୍ଥାନ ଓ ପୁନର୍ବାସ ବିଧେୟକ, ୨୦୦୭ ଏବଂ ଜମି ଅଧିଗ୍ରହଣ (ସଂଶୋଧନ) ବିଧେୟକ, ୨୦୦୭ । ଉଲ୍ଲେଖନୀୟ ଯେ, ଏହି ଦୁଇଟି ବିଧେୟକର ପ୍ରାବ୍‌ଧାନଗୁଡ଼ିକ ଭିତରେ ପାରସ୍ପରିକ ସଂପର୍କ ଏବଂ ନିର୍ଭରଶୀଳତା ରହିଛି ବୋଲି ଯଥାକ୍ରମେ ସେମାନଙ୍କର ଧାରା-୨ ଏବଂ ଧାରା-୪ରେ ସ୍ପଷ୍ଟ କରି ଦିଆଯାଇଛି । ବିସ୍ଥାପନକୁ ନେଇ ଚିନ୍ତାଶୀଳ ଥିବା ସମସ୍ତ ନାଗରିକଙ୍କ ପକ୍ଷେ ଏହି ଦୁଇଟି ବିଧେୟକକୁ ସମୀକ୍ଷା କରିବା ତଥା ନିଜର ମତାମତକୁ ସର୍ବସାଧାରଣରେ ପ୍ରକାଶ କରିବାର ଜରୁରୀ ଆବଶ୍ୟକତା ରହିଛି, ଯାହା ଫଳରେ କି ବିଧେୟକ ଦୁଇଟି ଯଥାସମ୍ଭବ ତ୍ରୁଟିମୁକ୍ତ ଏବଂ ଲୋକାଭିମୁଖୀ ରୂପ ନେଇ ସଂସଦରେ ପ୍ରଣୀତ ହୋଇପାରିବ । ବିସ୍ଥାପିତ ଓ ପ୍ରଭାବିତ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନର ପୁନଃସଂସ୍ଥାନ ଓ ପୁନର୍ବାସ ବିଧେୟକ, ୨୦୦୭ କେତେଦୂର ଗ୍ରହଣଯୋଗ୍ୟ, ସେ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଧାରଣା ଅର୍ଜନ କରିବା ଏହି ପ୍ରବନ୍ଧର ମୁଖ୍ୟ ପ୍ରୟାସ ।

## ସ୍ୱାଗତଯୋଗ୍ୟ ବୈଶିଷ୍ଟ୍ୟମାନ

ଲୋକହିତ ଦୃଷ୍ଟିରୁ ୬୦ ଧାରା ବିଶିଷ୍ଟ ଏହି ବିଧେୟକର ସବୁଠାରୁ ଉଜ୍ଜ୍ୱଳ ବୈଶିଷ୍ଟ୍ୟ ହେଲା, ଏ ପର୍ଯ୍ୟନ୍ତ ପ୍ରଚଳିତ ଥିବା 'ବିସ୍ଥାପିତ' ଶବ୍ଦର ସଂକୀର୍ଣ୍ଣ ପରିସର ପରିବର୍ତ୍ତେ ଧାରା-୩(ବି)ରେ ସ୍ଥାନିତ ହୋଇଥିବା 'ପ୍ରଭାବିତ ପରିବାର'ର ଏକ ସୁପ୍ରଶସ୍ତ ସଂଜ୍ଞାୟନ । ଏଥିରେ କୁହାଯାଇଛି ଯେ, କେବଳ ଘରଡିହ କିମ୍ବା ଜମି ହରାଉଥିବା ପରିବାର ନୁହଁନ୍ତି, ବରଂ ଆବାଦୀ କିମ୍ବା ଅନାବାଦୀ ଜମିରେ ଭାଗଚାଷ ବା ନିଲାମ ସୂତ୍ରରେ କାର୍ଯ୍ୟକରୁଥିବା ପରିବାର, ଯେ କି ଜମି ଅଧିଗ୍ରହଣ ଫଳରେ ବିସ୍ଥାପିତ ହେଉଥିବେ, ସେମାନଙ୍କୁ ପ୍ରଭାବିତ ପରିବାର ବୋଲି ଗ୍ରହଣ କରାଯିବ । ଏହାଛଡ଼ା, ସଂପୃକ୍ତ ଅଞ୍ଚଳରେ ଅନ୍ତତଃ ୫ବର୍ଷ ଧରି ବସବାସ ବା କାର୍ଯ୍ୟରତ ଥିବା ପ୍ରତି ଭୂମିହୀନ ଓ ଗୃହହୀନ ପରିବାର, କୃଷି ବା ଅଣକୃଷି କ୍ଷେତ୍ରର ଏକ ଦିନମଜୁରିଆ ପରିବାର, ଏବଂ କୌଣସି କୌଳିକ ବା ବ୍ୟବସାୟିକ ବୃତ୍ତିରେ ଆତ୍ମନିଯୁକ୍ତ ଥିବା ଗୋଟିଏ ପରିବାର, ଯାହାଙ୍କର ଜୀବିକା ଜମିଅଧିଗ୍ରହଣ ଯୋଗୁଁ ସଂପୂର୍ଣ୍ଣ ବା ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଥିବ, ସେ ମଧ୍ୟ ପ୍ରଭାବିତ ପରିବାରର ମାନ୍ୟତା ପାଇବେ । **ଦ୍ୱିତୀୟତଃ,** ରାଜସ୍ୱ ପ୍ରଶାସନ ଦ୍ୱାରା ଏ ପର୍ଯ୍ୟନ୍ତ ବହୁଳ ବ୍ୟବହୃତ ଶୃତିକଟୁ ଶବ୍ଦ 'ଜବରଦଖଲକାରୀ' (ଏନ୍‌କ୍ରୋଚର୍)କୁ ପରିହାର କରାଯାଇଛି, ଏବଂ ତାହା ପରିବର୍ତ୍ତେ ଏକ ଭଦ୍ରୋଚିତ ଶବ୍ଦ 'ଭୋଗଦଖଲକାରୀ' (ଅକୁପାଏର୍)କୁ ପ୍ରଚଳନ କାଯାଇଛି, ଏବଂ ସ୍ପଷ୍ଟଭାବେ କୁହାଯାଇଛି ଯେ, ଯେଉଁ ଆଦିବାସୀ ପରିବାରମାନେ ଜଙ୍ଗଲ ଜମିକୁ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଭୋଗଦଖଲ କରିଆସୁଥିବେ, ସେମାନଙ୍କୁ ଅନ୍ୟ ବର୍ଗର ପ୍ରଭାବିତ ପରିବାରଙ୍କ ଭଳି ଏହି ଆଇନ୍ ଅଧୀନସ୍ଥ ସମସ୍ତ ସୁବିଧାସୁଯୋଗ ମିଳିବ (ଦ୍ରଷ୍ଟବ୍ୟ: ଧାରା-୫୦) । **ତୃତୀୟ** ବୈଶିଷ୍ଟ୍ୟ ହେଲା, ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁରି ଦେବା ପୂର୍ବରୁ ଏହାର ସମ୍ଭାବ୍ୟ ଭଲମନ୍ଦ ସମ୍ବନ୍ଧରେ ସାମାଜିକ ପ୍ରଭାବ ସମୀକ୍ଷା ଭଳି ଏକ ନୂତନ ପ୍ରାବ୍‌ଧାନର ଅବତାରଣା । ଏଥିରେ କୁହାଯାଇଛି ଯେ, କେବଳ ପ୍ରତିରକ୍ଷା ଓ ନିରାପତ୍ତା ସଂକ୍ରାନ୍ତ ଜରୁରୀ ପ୍ରକଳ୍ପକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକଳ୍ପ ଉପରେ ପାରିବେଶିକ ପ୍ରଭାବ ସମୀକ୍ଷା ସହିତ ସାମାଜିକ ପ୍ରଭାବ ସମୀକ୍ଷା ଅନୁଷ୍ଠିତ ହେବ । ସଂପୃକ୍ତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସାମାଜିକ ପ୍ରଭାବ ସମୀକ୍ଷା ବିବରଣୀକୁ ସରକାରଙ୍କ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗର ସଚିବ, ସରକାରଙ୍କ ଦ୍ୱାରା ମନୋନୀତ ଦୁଇଜଣ ସମାଜବିଜ୍ଞାନୀ ତଥା ପ୍ରକଳ୍ପ ପ୍ରସ୍ତାବକ ସଂସ୍ଥାର ଜଣେ ପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଗଠିତ ଏକ ବିଶେଷଜ୍ଞ କମିଟି ଯାଞ୍ଚ କରିବେ । ପାରିବେଶିକ ପ୍ରଭାବ ସମୀକ୍ଷା ସହିତ ସାମାଜିକ ପ୍ରଭାବ ସମୀକ୍ଷା ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ ଏବଂ ସାମାଜିକ ପ୍ରଭାବ ସମୀକ୍ଷାକୁ ଭିତ୍ତି କରି ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁରି ପ୍ରଶ୍ନ ବିଚାର କରାଯିବ (ଦ୍ରଷ୍ଟବ୍ୟ: ଅଧ୍ୟାୟ-୨) । **ଚତୁର୍ଥତଃ** ଏହି ଆଇନ୍ ସଂପର୍କୀତ କୌଣସି ମାଲିମୋକଦ୍ଦମା ଦେବାନୀ ଅଦାଲତକୁ ଯିବନାହିଁ (ଦ୍ରଷ୍ଟବ୍ୟ: ଧାରା ୫୪), କିନ୍ତୁ ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କିଛି ଅଭିଯୋଗ ଥିଲେ, ତାହା ପ୍ରଥମେ ଏକ ନିରପେକ୍ଷ ପ୍ରାଧିକର୍ତ୍ତା (ଅମ୍ବୁଡ୍‌ସ୍ମ୍ୟାନ)ଙ୍କ ନିକଟକୁ ଆସିବ, ଯେ କି ସମୟବଦ୍ଧ ରୀତିରେ ତାହାର ଫଇସଲା କରିବେ (ଦ୍ରଷ୍ଟବ୍ୟ: ଧାରା ୧୪) । ଏହାଛଡ଼ା ଏହି ଆଇନ୍‌ର ଉପଯୁକ୍ତ କାର୍ଯ୍ୟାନ୍ୱୟନ ହେଉଛି କି ନାହିଁ, ତାହା ସାମଗ୍ରୀକ ଭାବେ ତଦାରଖ କରିବା ପାଇଁ ଏକ ଜାତୀୟ ଥଇଥାନ କମିଶନ୍ ଗଠିତ ହେବ (ଦ୍ରଷ୍ଟବ୍ୟ: ଧାରା ୧୯) । **ପଞ୍ଚମତଃ** ପୂର୍ବରୁ ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ କୌଣସି ଆଇନ୍ କିମ୍ବା ନୀତିରେ କାହା ବିରୁଦ୍ଧରେ ଦଣ୍ଡବିଧାନର ବ୍ୟବସ୍ଥା ନଥିଲା । କିନ୍ତୁ ଏହି ବିଧେୟକ କହିଛି ଯେ, ଯଦି କୌଣସି ବ୍ୟକ୍ତି ଜାଣିଶୁଣି ଏକ ଭ୍ରମାତ୍ମକ ସୂଚନା ବା ଦଲିଲ୍ ପେଶ୍ କରିଥାନ୍ତି, ତେବେ ତାଙ୍କୁ ୬ମାସର ଅଶ୍ରମ ବା ସଶ୍ରମ କାରାଦଣ୍ଡ ନଚେତ୍ ୫ଲକ୍ଷ

ଟଙ୍କାର ଜୋରିମାନା ନଚେତ୍ ଉଭୟ ଦଣ୍ଡ ଭୋଗିବାକୁ ପଡିପାରେ (ଦ୍ରଷ୍ଟବ୍ୟ: ଧାରା-୫୨) । **ଷଷ୍ଠତଃ** ଏଥିରେ ସୁଷ୍ପଷ୍ଟ ଭାବେ ଘୋଷଣା କରାଯାଇଛି ଯେ, କ୍ଷତିପୂରଣ ବାବଦ ଅର୍ଥରାଶିର ସଂପୂର୍ଣ୍ଣ ପଇଠ ଏବଂ ପୁନର୍ବାସ ଓ ପୁନସଂସ୍ଥାନ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ଅଗ୍ରଗତି ନହେବା ପର୍ଯ୍ୟନ୍ତ ପ୍ରଭାବିତ ପରିବାରମାନଙ୍କୁ ସେମାନଙ୍କ ନିଜ ସ୍ଥାନରୁ ବିସ୍ଥାପିତ କରାଯିବ ନାହିଁ (ଦ୍ରଷ୍ଟବ୍ୟ: ଧାରା ୨୯) । **ସପ୍ତମତଃ** ବିଭିନ୍ନ ପର୍ଯ୍ୟାୟରେ ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷମାନେ ନିଜର କାର୍ଯ୍ୟଧାରା ସମ୍ବନ୍ଧରେ ପ୍ରଭାବିତ ଜନସାଧାରଣଙ୍କ ମତାମତ ଲୋଡିବା ପାଇଁ ଏହି ବିଧେୟକ ସୁନିର୍ଦ୍ଧିଷ୍ଟ ବ୍ୟବସ୍ଥାମାନ ସ୍ଥାନିତ କରିଛି । ଧାରା-୨୦ ଅନୁଯାୟୀ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ସରକାର ଗେଜେଟ ସହିତ ସ୍ଥାନୀୟ ଭାଷାରେ ପ୍ରକାଶିତ ଖବରକାଗଜରେ ଘୋଷଣା କରିବେ, ଏବଂ ସଂପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକରେ ସ୍ଥାନିତ କରାଇବେ । ଧାରା-୨୧ ଅନୁଯାୟୀ ପୁନଃସଂସ୍ଥାନ ଓ ପୁନର୍ବାସ ପ୍ରଶାସକ ବିଜ୍ଞପ୍ତିର ୯୦ଦିନ ମଧ୍ୟରେ ସେହି ପ୍ରଭାବିତ ଅଞ୍ଚଳର ଏକ ଭିତ୍ତିରେଖା ସର୍ବେକ୍ଷଣ ସମ୍ପାଦନ କରିବେ ଏବଂ ଏହାର ଚିଠା ବିବରଣୀ  ଉପରେ ୩୦ଦିନ ଭିତରେ ପ୍ରଭାବିତ ଜନସାଧାରଣଙ୍କ ମତାମତ ଏବଂ ଆପତ୍ତି ଆହ୍ୱାନ୍ କରିବେ । ତା'ପରେ ସେହି ପ୍ରଶାସକ ନିଜର ସୁପାରିଶ୍ ସହିତ ସର୍ବେକ୍ଷଣର ବିଶଦ୍ ତଥ୍ୟାବଳୀ ସରକାରଙ୍କ ନିକଟରେ ପେଶ୍ କରିବେ । ଏହାର ୪୫ଦିନ ପରେ ସରକାର ସର୍ବେକ୍ଷଣର ସଂପୂର୍ଣ୍ଣ ବିବରଣୀ ଗେଜେଟ୍‌ରେ ପ୍ରକାଶ କରିବେ । ଧାରା-୨୩ ଅନୁଯାୟୀ ସଂପୃକ୍ତ ପ୍ରଶାସକ ମହିଳାମାନଙ୍କ ସମେତ ପ୍ରଭାବିତ ପରିବାରସମୂହ ଏବଂ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରି ଥଇଥାନର ଏକ ଚିଠା-ଯୋଜନା ପ୍ରସ୍ତୁତ କରିବେ ଏବଂ ଏହା ଗ୍ରାମାଞ୍ଚଳରେ ଗ୍ରାମସଭା ଏବଂ ସହରାଞ୍ଚଳରେ ଜନଶୁଣାଣି ମାଧ୍ୟମରେ ଆଲୋଚିତ ହେବ । ଏହାପରେ ଥଇଥାନ ବାବଦରେ ଆବଶ୍ୟକ ପଡୁଥିବା ମୋଟ୍ ଖର୍ଚ୍ଚ ସମ୍ବନ୍ଧରେ ସଂପୃକ୍ତ ପ୍ରଶାସକ ପ୍ରକଳ୍ପ ପ୍ରସ୍ତାବକଙ୍କୁ ସୂଚୀତ କରିବେ ଏବଂ ଧାରା-୨୪ ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବକ ଏହି ଖର୍ଚ୍ଚ ବହନ କରି ପାରିବେ ବୋଲି ସରକାରଙ୍କୁ ସୁନିର୍ଦ୍ଧିଷ୍ଟ ପ୍ରତିଶୃତି ଦେଲା ପରେ ସରକାର ଚୂଡାନ୍ତ ଯୋଜନାକୁ ଗେଜେଟ୍‌ରେ ପ୍ରକାଶ କରିବେ । **ଅଷ୍ଟମତଃ,** ପ୍ରସ୍ତାବିତ ଆଇନ୍ ଅନ୍ୟ ସମସ୍ତ ବିଧିବିଧାନ ଉପରେ ଅତିକ୍ରମଣ ପ୍ରଭାବ ବହନ କରିଥିବା ବେଳେ ପଞ୍ଚମ ଅନୁସୂଚୀ ଅଞ୍ଚଳ, ଅର୍ଥାତ୍ ଅନୁସୂଚୀତ ଜନଜାତି ଅଧ୍ୟୁଷିତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ 'ପେସା' ଆଇନ୍‌ର ପ୍ରାଧାନ୍ୟକୁ ସ୍ୱୀକୃତି ଜଣାଇଛି (ଦ୍ରଷ୍ଟବ୍ୟ: ଧାରା-୫୭) ତଥା ଯେ କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସକାଶେ ବିଜ୍ଞପ୍ତି ପ୍ରକାଶ କରିବା ପୂର୍ବରୁ ସଂପୃକ୍ତ ଅନୁସୂଚୀତ ଜନଜାତିମାନଙ୍କ ସହ ପରାମର୍ଶ କରିବା ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର ଥଇଥାନ ଯୋଜନା ପ୍ରଣୟନ ପାଇଁ ଜୋର୍ ଦେଇଛି (ଦ୍ରଷ୍ଟବ୍ୟ:ଧାରା ୪୯) । **ନବମତଃ** ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଥଚ ଘରଡିହ ନଥିବା ଗୋଟିଏ ପରିବାର ଯଦି ବିସ୍ଥାପିତ ହୁଅନ୍ତି, ତେବେ ଗ୍ରାମାଞ୍ଚଳରେ ତାଙ୍କୁ ଅନ୍ୟୂନ ୫୦ବର୍ଗ ମିଟର ଏବଂ ସହରାଞ୍ଚଳରେ ଅନ୍ୟୂନ ୨୫ବର୍ଗ ମିଟର୍‌ର ଘରଡିହ ଜମି ଯୋଗାଇ ଦିଆଯିବ (ଦ୍ରଷ୍ଟବ୍ୟ: ଧାରା-୩୫) । **ଦଶମତଃ,** ନିଯୁକ୍ତି, ବୈଷୟିକ ତାଲିମ୍, ମାସିକ ଭତ୍ତା, ପରିବହନ, ଗୁହାଳ, ବିପଣନ ଗୃହ, ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କୁ ଆଜୀବନ ପେନ୍‌ସନ୍ ଇତ୍ୟାଦି ଆନୁଷଙ୍ଗିକ ସହାୟତା ସହିତ ଯେ କୌଣସି ପ୍ରକଳ୍ପ ପାଇଁ ଜମି ହରାଉଥିବା ପରିବାରକୁ ଅନ୍ୟୂନ ଏକ ଏକରର ଜଳସେଚିତ ଜମି ଅଥବା ଦୁଇ ଏକରର ଅଣଜଳସେଚିତ ବା ଚାଷଯୋଗ୍ୟ ପତିତ ଜମି ଯୋଗାଇ ଦେବା ପାଇଁ ବିଧେୟକ ପ୍ରସ୍ତାବ କରିଛି (ଦ୍ରଷ୍ଟବ୍ୟ: ଅଧ୍ୟାୟ-୬) । **ସର୍ବୋପରି** ଏହି ବିଧେୟକ ସ୍ପଷ୍ଟ କରିଦେଇଛି ଯେ, ବିସ୍ଥାପିତମାନଙ୍କ ପାଇଁ ଏଥିରେ ସୂଚୀତ ହୋଇଥିବା ବ୍ୟବସ୍ଥାଗୁଡିକ ସର୍ବନିମ୍ନ, ଯାହାକୁ ମାନିବା ପାଇଁ ରାଜ୍ୟସରକାରଙ୍କ ସମେତ ସମସ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ବାଧ୍ୟ, କିନ୍ତୁ  ସେମାନେ ଏହାଠାରୁ ଅଧିକ ସୁବିଧାସୁଯୋଗ ଦେବାରେ କୌଣସି ବାଧା ନାହିଁ (ଦ୍ରଷ୍ଟବ୍ୟ: ଧାରା-୫୯) ।

**ଯଥାର୍ଥ ଆଶଙ୍କାମାନ**

ଉପରୋକ୍ତ ସକାରାତ୍ମକ ବୈଶିଷ୍ଟ୍ୟଗୁଡିକରୁ ଏହା ମନେ ହୋଇପାରେ, ବିଧେୟକଟି ଖୋଲପଣ ସ୍ୱଚ୍ଛତା, ଭାଗଦାରିତା, ସମୟବଦ୍ଧତା, ନିରପେକ୍ଷତା ତଥା ବିସ୍ଥାପିତମାନଙ୍କ ପ୍ରତି ନ୍ୟାୟବିଚାର ଉପରେ ଆଧାରିତ । କିନ୍ତୁ ଏହାକୁ ସୂକ୍ଷ୍ମ ଭାବେ ଅଧ୍ୟୟନ କଲେ ଜଣାପଡିବ ଯେ, ଏଥିରେ ମଧ୍ୟ କେତେକ ସାଂଘାତିକ ଗଳାବାଟ ରହିଯାଇଛି, ଯାହାକୁ ଅସ୍ତ୍ର କରି ଅମଲାଗୋଷ୍ଠୀ ଓ ଘରୋଇ କମ୍ପାନୀମାନେ ବିସ୍ଥାପିତଙ୍କୁ ଆଗଭଳି ହିନିମାନିଆ କରି ରଖିବେ । **ପ୍ରଥମତଃ** ଏହାର ଧାରା-୨୦ରେ କୁହାଯାଇଛି ଯେ, ଯଦି ସମତଳ ଅଞ୍ଚଳରେ ୪୦୦ ବା ତଦୁର୍ଦ୍ଧ୍ୱ ଏବଂ ପାହାଡିଆ, ମରୁଭୂମି ଓ ଅନୁସୂଚୀତ ଅଞ୍ଚଳରେ ୨୦୦ ବା ତଦୁର୍ଦ୍ଧ୍ୱ ପରିବାର ପ୍ରଭାବିତ ହେଉଥାନ୍ତି, ତେବେ କେବଳ ସେହି ଅଞ୍ଚଳ ପାଇଁ ଏହି ଆଇନ୍ ଲାଗୁହେବ । ଏକଥା ଜଣାଶୁଣା ଯେ, ଓଡିଶା, ଛତିଶ୍‌ଗଡ, ପଶ୍ଚିମବଙ୍ଗଳା ଓ ଝାଡଖଣ୍ଡ ଭଳି କେତେକ ରାଜ୍ୟରେ ବର୍ତ୍ତମାନ ସ୍ପଞ୍ଜ-ଲୁହା କାରଖାନା ଛତୁ ଫୁଟିଲା ପରି ଗଢିଉଠୁଛି । ଏପ୍ରକାର କାରଖାନା ପାଇଁ ସୀମିତ ପରିମାଣର ଜମି ଅଧିଗ୍ରହଣ ହୋଇଥାଏ ଓ ସ୍ୱାଭାବିକ ଭାବେ କମ୍ ସଂଖ୍ୟକ ପରିବାର ବିସ୍ଥାପିତ ହୋଇଥାନ୍ତି, ଅଥଚ ଏଥିରୁ ନିର୍ଗତ ବର୍ଜ୍ୟ ବସ୍ତୁ, ବାୟୁ ଓ ତରଳ ପଦାର୍ଥ ଦ୍ୱାରା ପରିପାର୍ଶ୍ୱର ଫସଲ, ପଶୁସମ୍ପଦ ଓ ମାନବ ସ୍ୱାସ୍ଥ୍ୟ ଏପରି କ୍ଷତିଗ୍ରସ୍ତ ହୋଇଥାଏ ଯେ, ତାହା ପ୍ରତ୍ୟକ୍ଷ ବିସ୍ଥାପନ ଠାରୁ ଅଧିକ ବିପଜ୍ଜନକ । ସୁତରାଂ ଆଇନ୍‌ର ପ୍ରଯୁଜ୍ୟତା ପାଇଁ ପରିବାର ସଂଖ୍ୟାକୁ ଭିତ୍ତିକରି ଉପରୋକ୍ତ ସୀମାରେଖା ସମୀଚୀନ ମନେହୁଏ ନାହିଁ । **ଦ୍ୱିତୀୟତଃ,** ବିବାଦ ଫଇସଲା ପାଇଁ ନିରପେକ୍ଷ ବିଚାରକର୍ତ୍ତା (ଅମ୍ବୁଡ୍‌ସମ୍ୟାନ) ଏବଂ ତଦାରଖ ପାଇଁ ସର୍ବୋଚ୍ଚ ସଂସ୍ଥା ରୂପେ ଜାତୀୟ ଥଇଥାନ କମିଶନ୍ ଗଢାଯିବା ପାଇଁ ବିଧେୟକ ପ୍ରସ୍ତାବ କରିଥିଲେ ହେଁ, କାହାକୁ ନେଇ ଏସବୁ ସଂସ୍ଥା ଗଢାଯିବ, ତାହା ବିଧେୟକ ସଂପୃକ୍ତ ସରକାରଙ୍କ ଉପରେ ଛାଡିଦେଇଛି । ତେଣୁ ଆଶଙ୍କା ଜନ୍ମିବା ସ୍ୱାଭାବିକ ଯେ, ସରକାର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ସେହିସବୁ ପଦବୀରେ ବସାଇବେ ଏବଂ ସେମାନେ ସରକାରଙ୍କର ହାଁଜି କରିଚାଲିବେ । **ତୃତୀୟତଃ,** ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ସମୟ-ସୀମା ଧାର୍ଯ୍ୟ ହୋଇଥିବା ବେଳେ ଦୁଇଟି ଅସଲ କ୍ଷେତ୍ରରେ ଏହାର ବ୍ୟତିକ୍ରମ ରହଛି, ଯଥା, କେତେଦିନ ଭିତରେ ନିରପେକ୍ଷ ବିଚାରକର୍ତ୍ତା ଓ ଜାତୀୟ କମିଶନ୍ ତାଙ୍କ ଫଇସଲା ଶୁଣାଇବେ (ଦ୍ରଷ୍ଟବ୍ୟ: ଧାରା ୧୪ ଓ ୧୯) । **ଚତୁର୍ଥତଃ,** ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ନୀତି-୨୦୦୭ର ଅନୁଚ୍ଛେଦ-୯.୩.୧ରେ କୁହାଯାଇଛି ଯେ, ପ୍ରଭାବିତ ବ୍ୟକ୍ତିମାନଙ୍କର ନାମତାଲିକା ଓ ଥଇଥାନ ବ୍ୟବସ୍ଥା ସମେତ ବିସ୍ଥାପନ, ପୁନର୍ବାସ ଓ ପୁନଃସଂସ୍ଥାନ ସମ୍ବନ୍ଧୀତ ବିଶଦ୍ ତଥ୍ୟାବଳୀ ଅନ୍ୟାନ୍ୟ ମାଧ୍ୟମ ସହିତ ଇଣ୍ଟରନେଟ୍‌ରେ ପ୍ରଦର୍ଶୀତ ହେବ । କିନ୍ତୁ ବିସ୍ମୟକର କଥା, ବିଧେୟକରେ ଏହି ପ୍ରାବ୍‌ଧାନ ସ୍ଥାନିତ ହୋଇନାହିଁ । **ସର୍ବୋପରି** ବ୍ୟାପକ ଜନବିତର୍କ ନକରି ଏହି ବିଧେୟକକୁ ଯେମିତି ତରବରିଆ ଢଙ୍ଗରେ ସଂସଦରେ ଗୃହୀତ କରାଇନେବା ପାଇଁ ଉଭୟ ସରକାର ଓ ସଂସଦୀୟ କମିଟି ଉଦ୍ୟମ ଚଳାଉଛନ୍ତି, ତାହା ମଧ୍ୟ ଆଶଙ୍କାଜନକ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile:9437577546, Dt. 14.2.2008**